## ସଂକ୍ଷେପରେ

### ସାପ କାମୁଡ଼ାରେ ନାବାଳକ ମୃତ

**କାଲିମେଲା,୧୫।୯(ଡି.ଏନ.ଏ):** ମାଲକାନଗିରି ଜିଲା କାଲିମେଲା ବ୍ଲକ ଲୁଗେଲ ପଞ୍ଚାୟତର ଏମ୍‌ପିଭି-୫୩ ଗ୍ରାମରେ ସାପ କାମୁଡ଼ାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ତାପସ ସରକାରଙ୍କ ପୁଅ ରାକେଶ ସରକାର(୧୬)। ସୂଚନା ଅନୁଯାୟୀ, ରାକେଶ ସବୁଦିନ ଭଳି ସକାଳେ ଗାଁ ନିକଟ ଜଙ୍ଗଲକୁ ଗାଈ ଚରାଇବାକୁ ଯାଇଥିଲେ। ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ରାକେଶଙ୍କ ପତ୍ତା ମିଳି ନ ଥିଲା। ଦୀର୍ଘ ସମୟ ପରେ ଗାଈ ଚରାଉଥିବା ସ୍ଥାନରେ ସେ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ଘରକୁ ଆଣିଥିଲେ। ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି। ରାକେଶଙ୍କ ଗୋଡ଼ରେ ଦାନ୍ତ ଚିହ୍ନ ରହିଥିବାରୁ ତାଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟିଥିବା ସେମାନେ କହିଛନ୍ତି। ଏ ନେଇ ମୋଟୁ ଥାନାରେ ଏତଲା ଦିଆଯିବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି କାଲିମେଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ଦତନ୍ତ ଚଳାଇଥିବା ଜଣାପଡ଼ିଛି। ସରକାରୀ ନିୟମ ଅନୁଯାୟୀ ରାକେଶଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

### ଖବରଦାତାଙ୍କ ପରିବାରକୁ ସାହାଯ୍ୟ କଲେ ବିଧାୟକ

**ମାଲକାନଗିରି,୧୫।୯(ଡି.ଏନ୍.ଏ.):** ଅବିଭକ୍ତ କୋରାପୁଟ ଜିଲାରେ ସାମ୍ବାଦିକତା ସହ ବିଭିନ୍ନ ଜନ ହିତକର କାର୍ଯ୍ୟରେ ନିୟୋଜିତ ଥିବା ଖବରଦାତା ସୁଧାକର ଦାସଙ୍କ ୧୩ ତାରିଖରେ ମୃତ୍ୟୁ ଘଟିଥିଲା। ବୁଧବାର ଖବରଦାତା ସଙ୍ଗଠନ ପକ୍ଷରୁ ଜୟପୁରଠାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥିଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗଦେଇ ଦିବଂଗତ ଖବରଦାତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ମାଲକାନଗିରି ଜିଲାରେ ପୋଲିସ ବିଭାଗରେ କାମ କରିବା ଏବଂ ପୋଲିସ ସଙ୍ଗଠନର ସଭାପତି ଥିବା ସମୟରେ ଖବରଦାତା ସୁଧାକରଙ୍କ ନିଷ୍ପାପର କାର୍ଯ୍ୟ ଏବଂ ତାଙ୍କ ସହ ସୁସମ୍ପର୍କକୁ ମନେ ପକାଇଥିଲେ। ଏଥିସହ ସୁଧାକରଙ୍କ ଶୁଦ୍ଧକ୍ରିୟା ନିମନ୍ତେ ୨୦ ହଜାର ଟଙ୍କା ସହାୟତା କରିଥିଲେ।

### ହରିଦାସପୁର ମୁଖ୍ୟରାସ୍ତା ମରାମତି ଆରମ୍ଭ
#### ବର୍ଷାରେ ଭାଙ୍ଗିଥିଲା କଲଭର୍ଟ

**ଟିକିରି,୧୫।୯(ଡି.ଏନ୍.ଏ.):** ପ୍ରବଳ ବର୍ଷା



ଯୋଗୁ ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ପଞ୍ଚାୟତ ହରିଦାସପୁର ମୁଖ୍ୟରାସ୍ତାସ୍ଥିତ କଲଭର୍ଟଟି ରବିବାର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଫଳରେ ଏହି ରାସ୍ତାରେ ଯାତାୟାତ ବନ୍ଦ ରହିଥିଲା। ଏ ନେଇ ଗଣମାଧମରେ ଖବର ପ୍ରକାଶ ପାଇବା ପରେ ମରାମତି କାମ ଆରମ୍ଭ ହୋଇଛି। କାଶୀପୁର ବିଡିଓ ଗୌର ଚନ୍ଦ୍ର ପଟ୍ଟନାୟକ ମଙ୍ଗଳବାର ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧାନ କରିବା ପରେ ବୁଧବାର କାମ ଆରମ୍ଭ କରାଯାଇଛି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମିତ ଏହି ରାସ୍ତାର ରକ୍ଷଣାବେକ୍ଷଣ ଅଭାବରୁ କଲଭର୍ଟ ତଳ ପାର୍ଶ୍ୱରେ ମାଟିଖସି ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିଲା। ଦୁର୍ଘଟଣା ଘଟିବା ଆଗରୁ କଲଭର୍ଟ ମରାମତି ନିମନ୍ତେ ଦାବି ହୋଇଥିଲା। ଏହାପରେ ମଧ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ଲଗାଣ ବର୍ଷାରେ ରବିବାର କଲଭର୍ଟଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା।

### ପୃଥକ୍ ସଡ଼କ ଦୁର୍ଘଟଣା: ଜଣେ ମୃତ, ୩ ଆହତ

**ଫୁଲବାଣୀ ଅଫିସ, ୧୫।୯:** କନ୍ଧମାଳ ଜିଲା ସଦର ଥାନା ଅଞ୍ଚଳରେ ବୁଧବାର ପୃଥକ ଦୁଇଟି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ମୃତକ ଜଣକ ଅନୁଗୋଳ ଜିଲାର ସୋନତ ନାୟକ ବୋଲି ଜଣାପଡ଼ିଛି। ଅନୁଗୋଳରୁ ସୋନତ ବାଇକ୍ ଯୋଗେ ଫୁଲବାଣୀ ଆସୁଥିବା ବେଳେ ସକାଳେ ସୁଡୁକୁମ୍ପା ଫାଣ୍ଡି ଅଧିନ ବାଡିଚୂଡା ଗ୍ରାମ ନିକଟରେ ଏକ କଲଭର୍ଟରେ ଧକ୍କା ହୋଇଥଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଘରଡିହ ପଟ୍ଟା ନ ମିଳିଲେ ଆନ୍ଦୋଳନ

## ଅସନ୍ତୋଷ ପ୍ରକାଶ କଲେ ଏମ୍‌ଭି-୨ ଗ୍ରାମବାସୀ

**ମାଲକାନଗିରି,୧୫।୯(ଡି.ଏନ.ଏ.)**

ମାଲକାନଗିରି ପୌରପରିଷଦ ଅଧୀନସ୍ଥ ଏମ୍‌ଭି-୨ ଗ୍ରାମବାସୀଙ୍କୁ ଦୀର୍ଘଦିନ ହେଲା ଘରପଟ୍ଟା ମିଳୁନି। ପିଢ଼ି ପିଢ଼ି ଧରି ଏଠାରେ ଲୋକେ ବସବାସ କରୁଥିଲେ ମଧ ଘରଡିହ ପଟ୍ଟା ନେଇ ଗାଁରେ କୌଣସି ସର୍ଭେ ମଧ ହୋଇନାହିଁ। ଏହାକୁ ନେଇ ଅଞ୍ଚଳବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବୁଧବାର ଅଞ୍ଚଳବାସୀ ପୌରପରିଷଦ କାର୍ଯ୍ୟାଳୟକୁ ଯାଇ ସମସ୍ୟା ଜଣାଇଛନ୍ତି। ମାଲକାନଗିରି ଜିଲାର ବିଭିନ୍ନ ସ୍ଥାନରେ ଲୋକଙ୍କୁ ଘରଡିହ ପଟ୍ଟା ଦେବାପାଇଁ ସର୍ଭେ ଶେଷ ହୋଇଥିବାବେଳେ ଏମ୍‌ଭି-୨ ଗ୍ରାମରେ ସର୍ଭେ ହୋଇ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଏ ନେଇ ବାରମ୍ବାର ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ହେଲେ ଏହାକୁ ଅଣଦେଖା କରାଯାଉଥିବା ସେମାନେ କହିଛନ୍ତି। ପଟ୍ଟା ନ ଥିବାରୁ ଗ୍ରାମବାସୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଅନ୍ୟ ସରକାରୀ ଯୋଜନାରେ ସୁବିଧା ପାଇପାରୁ ନ ଥିବା କହିଛନ୍ତି। ପିଲାଙ୍କ ନାମଲେଖା ଏବଂ ଜାତିଗତ ପ୍ରମାଣପତ୍ର ମିଳିବାରେ ମଧ ଅସୁବିଧା ହେଉଛି। ତେଣୁ ଶୀଘ୍ର ସର୍ଭେ କରାଯାଇ ଘରଡିହ ପଟ୍ଟା ପ୍ରଦାନ ନିମନ୍ତେ ଦାବି କରିଛନ୍ତି। ପଟ୍ଟା ନ ମିଳିଲେ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନ କରିବେ ବୋଲି ଚେତାବନି ଦେଇଛନ୍ତି।



ସମସ୍ୟା ଜଣାଇବାକୁ ଆସିଥିବା ଅଞ୍ଚଳବାସୀ।

# ଟିକିରିରେ ବୋଲାଣି ପର୍ବ ପାଳିତ

**ଟିକିରି,୧୫।୯(ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଆଦିବାସୀ ଓ ଦୋରା ସମ୍ପ୍ରଦାୟର ଲୋକେ ପାରମ୍ପରିକ ନୂଆଁଖାଇ ତଥା ବୋଲାଣି ପର୍ବ ପାଳନ କରିଛନ୍ତି । ଟିକିରି ପଞ୍ଚାୟତର ଟୋକାଗୁଡ଼ା, ଗୋକୁଳମୁଣ୍ଡା, ମକାପଦର ପ୍ରଭୃତି ଗ୍ରାମରେ ମଧ ଆଦିବାସୀମାନେ ନିଆରା ଢଙ୍ଗରେ ଏହି ପର୍ବ ପାଳିଛନ୍ତି। କୃଷି ସହ ଜଡ଼ିତ ଉକ୍ତ ପର୍ବରେ ପରମ୍ପରା ଅନୁଯାୟୀ ଆଦିବାସୀମାନେ ମାଟିରେ ମୂର୍ତ୍ତି ସ୍ଥାପନକରି ପୂଜା କରିଛନ୍ତି।



ଗ୍ରାମବାସୀ ମାଟିରେ ନିର୍ମିତ ମୂର୍ତ୍ତିକୁ ପୂଜା କରୁଛନ୍ତି।

# ଲଗାଣ ବର୍ଷାରେ ୩ ଘର କ୍ଷତିଗ୍ରସ୍ତ



**ରାମନାଗୁଡ଼ା,୧୫।୯(ଡି.ଏନ୍.ଏ.)**

ପ୍ରବଳ ବର୍ଷା ଯୋଗୁ ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ପାରିଖିଡି ପଞ୍ଚାୟତର କଣ୍ଡାଜାମଗୁଡ଼ା ଗାଁରେ ୩ଟି ଘର ଭାଙ୍ଗି ନଷ୍ଟ ହୋଇଛି। ସେଥିମଧ୍ୟରୁ ଗୋଟିଏ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାବେଳେ ଅନ୍ୟ ୨ ଘରର କାନ୍ଥ ଭୁଶୁଡ଼ି ପଡ଼ିଥିବା ଜଣାପଡ଼ିଛି। କ୍ଷତିଗ୍ରସ୍ତମାନେ ହେଲେ ଗାଁର ସୁଦାମ କଲାର, ବଳରାମ ବିଡିକା, କାଳୀବତି କର୍କରିଆ। ଖବର ପାଇ ପାରିଖିଡି ପଞ୍ଚାୟତର ସମିତିସଭ୍ୟ ସୂର୍ଯ୍ୟରାଓ କୁମ୍ବିରିକା, ସରପଞ୍ଚ ଗାୟତ୍ରୀ ମାଣ୍ଡାଙ୍ଗି ପହଞ୍ଚି କ୍ଷତିଗ୍ରସ୍ତଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି। ସେହିପରି କ୍ଷୟକ୍ଷତି ଆକଳନ ପରେ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ଆର୍‌ଆଇ ଭବାନୀ ଶବର କହିଛନ୍ତି।

# ର‍୍ୟାଗିଂ କଲେ ନିଆଯିବ ଦୃଢ଼ କାର୍ଯ୍ୟାନୁଷ୍ଠାନ

## ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଆଣ୍ଟି ର‍୍ୟାଗିଂ କମିଟି ବୈଠକ



ବୈଠକରେ ଉପସ୍ଥିତ ଅତିଥିମାନେ ।

**କୋରାପୁଟ,୧୫।୯(ସ୍ୱ.ପ୍ର.)**

କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ଆଣ୍ଟି ର‍୍ୟାଗିଙ୍ଗ କମିଟି ବୈଠକ ବୁଧବାର ସ୍ଥାନୀୟ ମେଡିକାଲ କଲେଜର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମେଡିକାଲ କଲେଜର ଡିନ ତଥା ଅଧକ୍ଷ ପ୍ରଫେସର ଡାକ୍ତର କୃଷ୍ଣଚନ୍ଦ୍ର ବିଶ୍ୱାଳଙ୍କ ଅଧକ୍ଷତାରେ ଏହି ବୈଠକ କରାଯାଇଛି।

ଚଳିତ ବର୍ଷ ନୂତନ ଭାବେ ନାମ ଲେଖାଇଥିବା ଏମ୍‌ବିବିଏସ୍ ଛାତ୍ରୀଛାତ୍ରଙ୍କୁ ସିନିୟର ଛାତ୍ରୀଛାତ୍ର ଉତ୍ତମ ବ୍ୟବହାର କରିବାକୁ ପିଲାଙ୍କୁ ପରାମର୍ଶ ଦିଆଯିବ। ର‍୍ୟାଗିଙ୍ଗକୁ ଉତ୍ସାହିତ କରିବା କିମ୍ବା ଏଥିରେ ସମ୍ପୃକ୍ତ ଥିବା ସମସ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧକ୍ଷ କହିଛନ୍ତି। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିମଳକାନ୍ତ ବ୍ରହ୍ମା ଆଣ୍ଟି ର‍୍ୟାଗିଙ୍ଗ ପାଇଁ ଥିବା ବିଭିନ୍ନ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଆଇନ ଖିଲାପ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ। ଏହି ବୈଠକରେ ଜିଲା ପ୍ରତିଷ୍ଠାନ ଅଧିକାରୀ ସୁଶ୍ରୀ ସାଗରିକା ଷଡଙ୍ଗୀ, ଛାତ୍ର ସଂସଦ ସଭାପତି ସଂଗ୍ରାମ ସ୍ୱାଇଁ, ର‍୍ୟାଗିଙ୍ଗ କମିଟିର ସଦସ୍ୟ ଡାକ୍ତର ମନୋଜ କୁମାର ଜେନା, ଡାକ୍ତର ଈଶ୍ୱର ଚନ୍ଦ୍ର ମୁଦୁଲି, ଡାକ୍ତର ସୁଶାନ୍ତ କୁମାର ସାହୁ, ଡାକ୍ତର ପ୍ରଦୀପ କୁମାର ଜେନା, ଡାକ୍ତର ଅନୁଭ ମିଶ୍ର, ଡାକ୍ତର ମହୁଆ ବିଶ୍ୱାସଙ୍କ ସମେତ ଘନଶ୍ୟାମ ରଥ, ସୁରେନ୍ଦ୍ର କରଣ, ସନ୍ତୋଷ କୁମାର ନନ୍ଦ, ପ୍ରଶାନ୍ତ ପରିଡା, ଗାୟତ୍ରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସୁକୁ, ମୁରାନ ସେତୁକୁ ରାଜ୍ୟ ସରକାରଙ୍କ ଅନୁମୋଦନ

**କୋରାପୁଟ,୧୫।୯(ସ୍ୱ.ପ୍ର.)**

କୋରାପୁଟ ଜିଲାର ବହୁ ପ୍ରତିକ୍ଷିତ ସୁକୁ ଓ ମୁରାନ ସେତୁ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ଅନୁମୋଦନ କରିଥିବା କୋରାପୁଟ ବିଧାୟକ ରଘୁରାମ ପଡାଲ ସୂଚନା ଦେଇଛନ୍ତି। ବିଜୁ ସେତୁ ଯୋଜନାରେ ଜିଲାର ଉପରୋକ୍ତ ପ୍ରକଳ୍ପକୁ ରାଜ୍ୟ ସରକାର ଅନୁମୋଦନ କରିଥିବା ସେ କହିଛନ୍ତି। କୋରାପୁଟରୁ ସୁକୁ କୋଲାବ ନଦୀ ଉପରେ ସେତୁ ନିର୍ମାଣ ନିମନ୍ତେ ପୂର୍ବରୁ ଦୀର୍ଘ ବର୍ଷ ଧରି ଦାବି ହେଉଥିଲା। ଏହାଦ୍ୱାରା କୋରାପୁଟରୁ ସୁକୁର ୬୦ କି.ମି. ଦୂରତା ୮ କି.ମି. ହେବ ବୋଲି ଜଣାଯାଇଛି। ସେହିପରି ଜିଲାର ଦଶମନ୍ତପୁର ବ୍ଲକ ଅଧୀନ ଗୁର୍ଲିଗୁମ୍ମାରୁ ଦୁଆରଶୁଣୀ ରାସ୍ତାର ମୁରାନ ନଦୀ ଉପରେ ସେତୁ ନିର୍ମାଣ ନିମନ୍ତେ ଦାବି ହୋଇଥିଲା। ପ୍ରକଳ୍ପଗୁଡିକ ଅନୁମୋଦନ କରାଯାଇଥିବାରୁ ଜିଲାବାସୀ ମୁଖ୍ୟମନ୍ତ୍ରୀଙ୍କୁ ସୂଚନା ଦେଇଛନ୍ତି।

# ବନ ବିଭାଗର ଚଢ଼ାଉ, କାଠ ଜବତ

**ଟିକିଟି,୧୫।୯(ଡି.ଏନ.ଏ.)**

ବ୍ରହ୍ମପୁର ଏସିଏଫ୍ ଅଶୋକ କୁମାର ବେହେରାଙ୍କ ନେତୃତ୍ୱରେ ବନବିଭାଗର ଏକ ଟିମ୍ ବୁଧବାର ଟିକିଟି ବ୍ଲକ ଅନ୍ତର୍ଗତ ପିତାତଳି ଗ୍ରାମର ଏକ ପରିତ୍ୟକ୍ତ ଘରୁ ୪୦ ଘନଫୁଟ୍ ବିଭିନ୍ନ କିସମର କାଠ ଜବତ କରିଛି। ଟିକିଟି ତହସିଲଦାର ବିଶ୍ୱରଞ୍ଜନ କହଁରଙ୍କ ଉପସ୍ଥିତିରେ ଉକ୍ତ କାଠଗୁଡିକୁ ଜବତ କରାଯାଇଛି। ଦିଗପହଣ୍ଡି ରେଞ୍ଜର କାହ୍ନୁଚରଣ ପଟ୍ଟନାୟକ, ସାମନ୍ତିଆପଲ୍ଲୀ ରେଞ୍ଜର ସମେତ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ।

# ଘରକାନ୍ଥ ଭୁଶୁଡ଼ି ବାପପୁଅ ଗୁରୁତର

**କୋରୁକୋଣ୍ଡା୧୫।୯(ଡି.ଏନ୍.ଏ.)**

ଲଗାଣ ବର୍ଷା ଯୋଗୁ ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ନାକାମାମୁଡ଼ି ପଞ୍ଚାୟତ ସଦରଠାରେ ଘରକାନ୍ଥ ଭୁଶୁଡ଼ି ବାପପୁଅ ଗୁରୁତର ହୋଇଛନ୍ତି। ଦୁଇ ଗୁରୁତର ହେଲେ ଗ୍ରାମର ପଦୁ ପାଙ୍ଗି ଏବଂ ତାଙ୍କ ପୁଅ ମୋହନ। ସୂଚନା ଅନୁଯାୟୀ, ପଦୁ ଘରେ ବସି କାମ କରୁଥିବାବେଳେ ହଠାତ କାନ୍ଥ କାନ୍ଥ ଭୁଶୁଡ଼ି ପଡ଼ିଥିଲା। ପଦୁଙ୍କ ସମେତ ଘରେ ଥିବା ପୁଅ ଉପରେ କାନ୍ଥ ପଡ଼ିଯିବାରୁ ଗୁରୁତର ହୋଇଥିଲେ। ତାଙ୍କ ସମ୍ପର୍କୀୟଙ୍କ କହିବା ପ୍ରକାରେ, ପଦୁଙ୍କ ଘର ବହୁ ପୁରୁଣା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମାଣ ହୋଇଥିଲା। ଗତ କିଛି ଦିନର ଲଗାଣ ବର୍ଷାରେ କାନ୍ଥ ବତୁରି ଭୁଷୁଡ଼ି ପଡ଼ିଥିଲା। ଗୁରୁତର ବାପପୁଅଙ୍କୁ ପରିବାର ଲୋକେ ପ୍ରଥମେ ବାଲିମେଳା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବାଲିମେଳା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ଅନ୍ୟ ରୋଗୀଙ୍କୁ ନେଇ ଯାଇଥିବା ହେତୁ ପରିବାର ଲୋକଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିଥିଲା। ଚିତ୍ରକୋଣ୍ଡାରୁ ଆମ୍ବୁଲାନ୍ସ ଆସିବା ପରେ ଦୁହିଁଙ୍କୁ ମାଲକାନଗିରି ନିଆଯାଇଥିବା ଜଣାପଡ଼ିଛି।

# ଗୁଣପୁର ବାଲୁକାଶଯ୍ୟା-୧ ର ଜନଶୁଣାଣି

## ବାଲି ଚୋରାଚାଲାଣ, ଦରବୃଦ୍ଧିକୁ ନେଇ ଅସନ୍ତୋଷ



ଜନଶୁଣାଣି ଚାଲିଛି।

**ଗୁଣପୁର,୧୫।୯(ଡି.ଏନ୍.ଏ.)**

ବଂଶଧାରା ନଦୀଶଯ୍ୟା ବାଲୁକା ଖଣି-୧ ତଥା କତୁରୁ ଗ୍ରାମର ବାଲୁକା ଶଯ୍ୟାର ୬.୦୭୦ ହେକ୍ଟର ପରିମିତ ଅଞ୍ଚଳରେ ବାର୍ଷିକ ୧୫୦୫୦ ଘନ ମିଟର ବାଲି ଉତ୍ତୋଳନ ନିମନ୍ତେ ଜନଶୁଣାଣି କାର୍ଯ୍ୟକ୍ରମ ବୁଧବାର ସ୍ଥାନୀୟ ଟାଉନ ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡ଼ା ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ରାଜ୍ୟ ପ୍ରଦୂଷଣ ବୋର୍ଡ ରାୟଗଡ଼ା ଶାଖାର ପରିବେଶ ବିଶେଷଜ୍ଞ ଭିମ ଚରଣ ମାଣ୍ଡି ଓ ଗୁଣପୁର ତହସିଲଦାର ଶରତ ଚନ୍ଦ୍ର ନାୟକ ଉପସ୍ଥିତ ରହି ଜନଶୁଣାଣି କରିଥିଲେ। କାର୍ଯ୍ୟକ୍ରମରେ କତୁରୁ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ।

ଜନଶୁଣାଣିରେ କତୁରୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଏହି ଗାଁ ବଂଶଧାରା ନଦୀତଟରେ ଅବସ୍ଥିତ। ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନ ଜୀବିକା ପାଇଁ ଗ୍ରାମବାସୀ ଗୁଣପୁର ସହର ଉପରେ ନିର୍ଭରଶୀଳ। ଏହାକୁ ଦୃଷ୍ଟିରେ ରଖି ପ୍ରଥମେ ନଦୀବନ୍ଧ ଉଚ୍ଚତା ଏବଂ କତୁରୁ ଗ୍ରାମରୁ ବିକ୍ରମପୁର ପର୍ଯ୍ୟନ୍ତ ଚଉଡ଼ା ରାସ୍ତା ନିର୍ମାଣ କରାଯାଉ। ଲିଜ୍‌ଧାରୀଙ୍କୁ ବାଲି ଉଠାଇବା ପାଇଁ ନିର୍ଦ୍ଦିଷ୍ଟ ଜାଗା ଚିହ୍ନଟ କରି ଦିଆଯାଉ ଏବଂ ମନଇଚ୍ଛା ବାଲି ଉଠାଇବା ଉପରେ କଟକଣା ଜାରି କରାଯାଉ ବୋଲି ଦାବି କରିଛନ୍ତି। କଂଗ୍ରେସ ନେତା ଏ. ଭାନୁ, ଭାଜପା ନଗର ସଭାପତି ଶ୍ରୀନିବାସ ସ୍ୱାଇଁ ବାଲିଦର ବୃଦ୍ଧିକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ବେସରକାରୀ ସ୍କୁଲ ଶିକ୍ଷକ ରାମଚନ୍ଦ୍ର ପଣ୍ଡିତ, ବଲ୍ଲଭ ବାଉରି ଟ୍ରାକ୍ଟର ଯୋଗେ ଦିନ ଏବଂ ରାତିରେ ବାଲି ଚୋରି ହେଉଥିବା ଅଭିଯୋଗ କରିଛନ୍ତି। ଏଥିସହ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି କାହିଁକି ବୋଲି ପ୍ରଶ୍ନ କରିଛନ୍ତି। ଏହାକୁ ନେଇ ମହିଳାମାନେ ମଧ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। କେଉଁମାନେ ଟଙ୍କା ନେଇ ବାଲି ଚାଲାଣ ପାଇଁ ଅନୁମତି ଦେଉଛନ୍ତି ବୋଲି ଖୋଲା ମଞ୍ଚରେ ପ୍ରଶ୍ନ କରିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ବିରକ୍ତ ହେବା ସହ ପରିବେଶ ମଞ୍ଜୁରୀ ସମ୍ପର୍କରେ ମତ ରଖିବା ନିମନ୍ତେ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ।



ରାୟଗଡ଼ା ଜିଲା ମଝିଘରିଆଣୀ ମନ୍ଦିର ଦାନହୁଣ୍ଡିରୁ ବାହାରିଥିବା ଟଙ୍କା ଗଣତି ଚାଲିଛି।

# ଗଛ ପଡ଼ି ରାସ୍ତା ଅବରୋଧ



ଅଗ୍ନିଶମ କର୍ମଚାରୀମାନେ ରାସ୍ତା ସଫା କରୁଛନ୍ତି।

**ମାଲକାନଗିରି,୧୫।୯(ଡି.ଏନ୍.ଏ.)**

ମାଲକାନଗିରି ଜିଲାରେ ୩ ଦିନ ଧରି ଲଗାଣ ବର୍ଷା ଯୋଗୁ ଅନେକ ସମସ୍ୟା ଉପୁଜିଛି। ତଳିଆ ଅଞ୍ଚଳରେ ବର୍ଷାଜଳ ଜମି ରହିବା ସହ ବିଭିନ୍ନ ସ୍ଥାନରେ ବିରାଟକାୟ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିଲା। ବାଲିମେଳା ଠାରୁ ଚିତ୍ରକୋଣ୍ଡାକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଭଲବ୍ ହାଉସ ନିକଟରେ ରେ ଏକ ବିରାଟ ବୃକ୍ଷ ଉପଡ଼ି ପଡ଼ିବାରୁ ରାସ୍ତା ବନ୍ଦ ହୋଇଥିଲା। ଯାନବାହନ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ଖବରପାଇ କୋରୁକୋଣ୍ଡା ଅଗ୍ନିଶମ କର୍ମଚାରୀ ପହଞ୍ଚି ମେଶିନ ସାହାଯ୍ୟରେ ଗଛଟିକୁ କାଟି ରାସ୍ତା ସଫା କରିଛନ୍ତି।

# ରାୟଗଡ଼ାର ବିକାଶକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି

## ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଲା ଭାଜପା

**ରାୟଗଡ଼ା ଅଫିସ,୧୫।୯**

ରାୟଗଡ଼ା ଜିଲା ଭାଜପା ପକ୍ଷରୁ ସ୍ଥାନୀୟ ହୋଟେଲ ତେଜସ୍ୱୀ ସମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳର ରାଜ୍ୟ ସାଧାରଣ ସମ୍ପାଦକ ଟଙ୍କଧର ତ୍ରିପାଠୀ ଯୋଗଦେଇ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଥିଲେ। ୨୦ ବର୍ଷ ଧରି ବିଜେଡିର ଶାସନ କାଳରେ ରାୟଗଡ଼ା ଜିଲାକୁ ସମ୍ପୂର୍ଣ ଅଣଦେଖା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ, ପାନୀୟ ଜଳ ଆଦି ସୁବିଧା ଜନସାଧାରଣଙ୍କୁ ଯୋଗାଇବାରେ ସରକାର ବିଫଳ ହେଉଛି। ସେଭଳି କୌଣସି ଆଖିଦୃଶିଆ ଉନ୍ନୟନ କାର୍ଯ୍ୟ କରାଯାଇନାହିଁ ବୋଲି ସେ କହିଛନ୍ତି।

ଆଦିବାସୀ ଜଙ୍ଗଲ ଜମି ନିୟମ ଅନୁଯାୟୀ ସେମାନଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବାରେ ସରକାର ବିଫଳ ହୋଇଛି। ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବାକୁ ଦଳ ଦାବି କରିଛି। ସେହିପରି ରେଳବାଇ ଜାଗାରେ ବାସ କରୁଥିବା ବସ୍ତି ବାସିନ୍ଦାଙ୍କୁ ସ୍ଥାନାନ୍ତରିତ ଏବଂ ଥଇଥାନ ପାଇଁ ରାଜ୍ୟ ସରକାର ବ୍ୟବସ୍ଥା ନ କରିବା ବିରୋଧବୋଲି ବିଜେପି ପକ୍ଷ ରୁ ଅଭିଯୋଗ ହୋଇଛି ଏହା କୁ ବିରୋଧ କରିବାକୁ ନେଇ ବିରୋଧ କରାଯିବା ସହ ସେମାନଙ୍କ ଥଇଥାନ ଦାବି ହୋଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାୟଗଡ଼ା ଜିଲାକୁ ସମ୍ପୂର୍ଣ ଅଣଦେଖା କରାଯାଇଛି। ଯୋଗ୍ୟ ହିତାଧିକାରୀଙ୍କୁ ଘର ନ ଦେଇ ଶାସକ ଦଳର ଚାପରେ ଅଯୋଗ୍ୟ ହିତାଧିକାରୀଙ୍କୁ ପଟ୍ଟା ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦିଆଯାଉଛି। ୮. ୧୭ ଲକ୍ଷ ଘର କେବଳ କୋଭିଡ୍ ଭଳି କଠିନ ପରିସ୍ଥିତିକୁ ଅନୁଧାନ କରି ଅନୁମୋଦନ ମିଳିଥିବା ବେଳେ ରାୟଗଡ଼ା ଜିଲାକୁ ଗୋଟିଏ ମଧ ଘର ଦିଆଯାଇନି। ଯୋଗ୍ୟ ହିତାଧିକାରୀଙ୍କୁ ଘର ପ୍ରଦାନ ନିମନ୍ତେ ଦାବି ହୋଇଛି। ଅନ୍ୟପକ୍ଷରେ ଅବକାରୀ କନଷ୍ଟେବଳ ସୁଶାନ୍ତ କୁମାର ପାତ୍ରଙ୍କ ଗଞ୍ଜେଇ କାରବାରାରେ ସମ୍ପୃକ୍ତି ମାମଲାରେ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ସମ୍ପୃକ୍ତି ନେଇ ପ୍ରଘଟ ପରେ ମଧ ସରକାର କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ବୋଲି ଦଳ ଅଭିଯୋଗ କରିବା ସହ ମନ୍ତ୍ରୀଙ୍କ ବହିଷ୍କାର ଦାବି କରିଛି। ଜିଲାରେ ଥିବା ହାତୀପଥର ଏକ ପର୍ଯ୍ୟଟନ ସ୍ଥଳୀ। କିନ୍ତୁ ସାରକର ଏଠାରେ ପ୍ରକଳ୍ପ କରିବା ଉଦ୍ଦେଶ୍ୟରେ ଜଳର ଗତିକୁ ସମ୍ପୂର୍ଣ୍ଣ ବଦଳାଇ ଦେବାରୁ ବହୁ ଲୋକଙ୍କ ଜମିବାଡ଼ି ମଧ ଧୋଇଯାଉଛି। ତେଣୁ ଏହାର ପୁର୍ନଉଦ୍ଧାର ନିମନ୍ତେ ଦାବି ହୋଇଛି। ଏହା ବ୍ୟତୀତ ରାୟଗଡ଼ା ପୌର ପରିଷଦରେ ହୋଇଥିବା ୮ କୋଟି ଟଙ୍କାର ଦୁର୍ନୀତିର ତଦନ୍ତ, ଜିଲାରେ ଚିହ୍ନଟ ହୋଇଥିବା ୧୪ ଏକର ଜାଗାକୁ ତୁରନ୍ତ ବସ୍ତିବାସୀଙ୍କୁ ପ୍ରଦାନ ପାଇଁ ଭାଜପା ପକ୍ଷରୁ ଦାବି ହୋଇଛି। ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି ଶିବ ପଟ୍ଟନାୟକ, ଦଳୀୟ ନେତା ବସନ୍ତ ଉଲାକା, ଶିବଶଙ୍କର ଉଲାକା, ନଗର ସଭାପତି ଶ୍ୟାମ କୁମାର ଦାସ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦକ, ଜିଲା ସଭାପତି ଓ ଅନ୍ୟମାନେ।

